୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.242 Bhubaneswar Thursday November 07 2024 | ୨୬ତମ ବର୍ଷ ସଂଖ୍ୟା–୨୪୨ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୦୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ପୁଲିସ୍ ବୁଝିଲାନି ବାପାର ଦୁଃଖ; ବିଚ୍ ରାସ୍ତାରେ ପିଟିଲା

ଭୁବନେଶ୍ୱର,୬।୧୧(ପି.ଏନ): ପୁଲିସ୍ ବୁଝିଲାନି ଜଣେ ବାପାର ଅକୁହା ଦୁଃଖ। ରାତିରେ ପ୍ରତିବାଦ କ'ଣ ପାଇଁ କରୁଛ ପଚାରିଲାନି। ବିଚ୍ ରାସ୍ତାରେ ବହେ ପିଟିଥିଲା। ଆଉ ତା'ପରେ ଥାନାକୁ ନେଇଯାଇଥିଲା। ଆମ୍ବୁଲାନ୍ସ ନଆସିବାରୁ ରାତି ଅନ୍ଧକାରରେ ରୋଗୀଣା ଝିଅକୁ ଧରି ପ୍ରାୟ ୩ କିମି ଚାଲି ଚାଲି ଜାତୀୟ ରାଜପଥରେ ପ୍ରତିବାଦ କରିବାରୁ ମାଡ ଖାଇଥିଲେ ବାପା। ଏପରି ସମ୍ବେଦନଶୀଳ ଘଟଣା ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଞ୍ଚଳରେ ଘଟିଛି। ରାତି ପ୍ରାୟ ୮ଟା ହେବ। ପାତିହିଞ୍ଜା ଗାଁ ରବୀନ୍ଦ୍ର ନାୟକଙ୍କ କୁନି ଝିଅ ହଠାତ୍ ଅସୁସ୍ଥ ହୋଇପଡିଲା। ତେଣୁ ତାଙ୍କୁ ମେଡିକାଲ୍ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କଲା। ଆଖି ଆଗରେ ଝିଅର ଯନ୍ତ୍ରଣାକୁ ଦେଖିପାରିଲେ ନାହିଁ ବାପା ରବୀନ୍ଦ୍ର। ତେଣୁ ନିଜ ରୋଗୀଣା ଝିଅକୁ କାନ୍ଧରେ ପକାଇ ଘରୁ ବାହାରିଲେ। ଅନ୍ଧାର ରାତିକୁ ଖାତିର ନକରି ପ୍ରାୟ ୩ କିମି ଚାଲିଚାଲି ଜାତୀୟ ରାଜପଥରେ ପହଞ୍ଚିଥିଲେ।



### ପୁଣି ଭିଜିଲାନ୍ସ ଜାଲରେ ଜୁନିୟର ମ୍ୟାନେଜର, ଏକକାଳୀନ ୬ଟି ସ୍ଥାନରେ ଜାରି ରହିଛି ଚଢ଼ାଉ

ଭୁବନେଶ୍ୱର,୬।୧୧(ପି.ଏନ): ଭିଜିଲାନ୍ସ ଜାଲରେ ଇଡକୋ ଜୁନିୟର ମ୍ୟାନେଜର । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂହଙ୍କ ଘରେ ରେଡ୍ କରିଛି ଭିଜିଲାନ୍ସ । ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାର ୬ଟି ସ୍ଥାନରେ ଏକକାଳନୀନ ରେଡ୍ କରାଯାଇଥିବା ଜଣାପଡିଛି । ଏହି ଚଢ଼ାଉ ଟିମରେ ୮ ଜଣ ଡିଏସପି ଓ ୮ ଜଣ ଇନ୍ସପେକ୍ଟର ସାମିଲ ଅଛନ୍ତି ।

### ହିମାଚଳ ପ୍ରଦେଶ ସଂଗଠନକୁ ଭାଙ୍ଗିଲା କଂଗ୍ରେସ

ଭୁବନେଶ୍ୱର,୬।୧୧(ପି.ଏନ): ହିମାଚଳ ପ୍ରଦେଶରେ କଂଗ୍ରେସ କ୍ଷମତାରେ ରହିଛି। ଏଠାରେ ଦଳର ନିଜସ୍ୱ ମୁଖ୍ୟମନ୍ତ୍ରୀ ମଧ୍ୟ ରହିଛନ୍ତି। ହେଲେ ଆଜି କଂଗ୍ରେସ ରାଜ୍ୟ ସଂଗଠନକୁ ସଂପୂର୍ଣ୍ଣ ରୂପେ ଭଙ୍ଗ କରି ଦେଇଛି।କଂଗ୍ରେସର ସାଧାରଣ ସମ୍ପାଦକ କେସି ଭେନୁଗୋପାଲ ଗୋଟିଏ ବିବୃତିରେ କହିଛନ୍ତି ଯେ ଦଳର ସଭାପତି ହିମାଚଳ ପ୍ରଦେଶର ରାଜ୍ୟ ପିସିସି, ଜିଲ୍ଲା ସଭାପତି ଓ ବ୍ଲକ କଂଗ୍ରେସ କମିଟିକୁ ଭଙ୍ଗ କରିବାକୁ ଅନୁମତି ଦେଇଛନ୍ତି। ଏହା ତତ୍କାଳ ଭାବେ ଲାଗୁ କରାଯାଉଛି ବୋଲି ବିବୃତିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ହିମାଚଳ ପ୍ରଦେଶର କଂଗ୍ରେସ ସଭାପତି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରଭଦ୍ର ସିଂହଙ୍କ ପତ୍ନୀ ପ୍ରତିଭା କାର୍ଯ୍ୟ କରୁଛନ୍ତି। କିନ୍ତୁ ହଠାତ କ'ଣ ପାଇଁ ରାଜ୍ୟ ସଂଗଠନକୁ ଭଙ୍ଗ କଲା, ସେକଥା ଜଣାପଡି ନାହିଁ।

## ପ୍ରତି ପଂଚାୟତରେ ଖୋଲିବ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ, ଯୋଜନାର ଶୁଭାରମ୍ଭ ଖୁବଶୀଘ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧୧(ପି.ଏନ): ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଆଦର୍ଶ ଶିକ୍ଷାଦାନ ପାଇଁ ପରିବେଶ ରହିଥିଲା, ସେଭଳି ପରିବେଶ ଏସବୁ ବିଦ୍ୟାଳୟରେ ସୃଷ୍ଟି କରାଯିବ । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଖୁବଶୀଘ୍ର ଶୁଭାରମ୍ଭ କରିବେ । ଆଜି ଲୋକସେବା ଭବନରେ ରାଜ୍ୟ ପ୍ରାଥମିକ ଶିକ୍ଷାର ଉନ୍ନତିକରଣ ପାଇଁ ବିଭିନ୍ନ ବ୍ୟବସ୍ଥାର ସମୀକ୍ଷାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି ।



## ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ; ପ୍ରତି ୧୦ ମିନିଟ୍‌ରେ ଗଡିବ ଟ୍ରେନ୍



ଭୁବନେଶ୍ୱର,୬।୧୧(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଗଡବ ମେଟ୍ରୋ ଟ୍ରେନ୍। ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ ସରିବ। ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଗଡିବ ମେଟ୍ରୋ। ଆଜି ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ। ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି, ୨୦୨୭ ଡିସେମ୍ବର ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାମ। ଭୂମିଠାରୁ ୧୩ ମିଟର ଉପରେ ଚାଲିବ ମେଟ୍ରୋ ଟ୍ରେନ୍। ତେବେ ରାଜମହଲ, ଜୟଦେବ ବିହାର ଓଭରବ୍ରିଜ ତଥା ବାରଙ୍ଗ ରେଲୱେ ଲାଇନ୍ ଉପରେ ଏହାର ଉଚ୍ଚତା ଅଧିକ ରହିବ। ପ୍ରତି ୧୦ ମିନିଟ ବ୍ୟବଧାନରେ ଚାଲିବ ମେଟ୍ରୋ। ସେଥିପାଇଁ ୩ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ହୋଇଛି ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି।

## ରଥଯାତ୍ରାକୁ ନେଇ ଇସ୍କନର ନୂଆ ଡ୍ରାମା ! 'ଗଡିବ ରଥ ହେଲେ ଚଢ଼ିବେ କୃଷ୍ଣବଳରାମ ଓ ଗୌର ନିତାଇ'

ଭୁବନେଶ୍ୱର,୬।୧୧(ପି.ଏନ): ବିଦେଶରେ ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ବିବାଦ ଦେଖାଯିବା ପରେ ନଇଁଛି ଇସ୍କନ । ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଚେତନୀ ପରେ ରଥଯାତ୍ରାକୁ ବାତିଲ କରାଯାଇଛି । ଏହାରି ଭିତରେ ରଥଯାତ୍ରା ନେଇ ଏକ ବିବୃତ୍ତି ଜାରି କରାଯାଇଛି । ରଥ ଗଡିବ ହେଲେ କାଳିଆ ଠାକୁରଙ୍କୁ ଚଢ଼ାଯିବନି ବୋଲି ଦର୍ଶାଯାଇଛି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପରିବର୍ତ୍ତ ? ନିତାଇ ଗୌରୀ ଏବଂ କୃଷ୍ଣବଳରାମଙ୍କୁ ରଥରେ ବସାଇ ପରିକ୍ରମା କରିବାକୁ ଯୋଜନା କରିଛି । ଏନେଇ ଇସ୍କନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଇସ୍କନର ଏଭଳି ବୟାନକୁ ନେଇ ମଧ୍ୟ ବିବାଦ ଦେଖାଯାଇଛି । ଅନେକ ଏହାକୁ ବିରୋଧ କରୁଥିବା ବେଳେ ଆଉ କିଛି ଜଣ ଏହାକୁ ଇସ୍କନର ନୂଆ ଡ୍ରାମା ବୋଲି କହିଛନ୍ତି ।ପ୍ରକାଶଥାଉକି, ପୂର୍ବରୁ ଇସ୍କନ ସ୍ନାନଯାତ୍ରୀ ସହିତ ରଥଯାତ୍ରା ନେଇ ଘୋଷଣା କରିଥିଲା । ଏହାକୁ ନେଇ ପ୍ରେସମିଟ କରି ବର୍ଷିଥିଲେ ଗଜପତି ମହାରାଜା କଷ୍ଣଚନ୍ଦ୍ର ଗଜପତି । ୧୯୬୯ ମସିହାରୁ ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରିଆସୁଛି । ତେବେ ବାରମ୍ବାର ବାରଣ କରିବା କାରଣରୁ ୨୦୨୧ ମସିହାରୁ ଏହା ହେଉନଥିଲା । କିନ୍ତୁ ବିଦେଶରେ ଇସ୍କନ ଏହି ନିୟମ ଭାଙ୍ଗି ରଥଯାତ୍ରା କରୁଛି । ବହୁତ ହୋଇଗଲା ଏଥର ଆଉ ଛଡାଯିବନି । ଆଇନର ରାସ୍ତା ନେବୁ ବେଲି ଗଜପତି ମହାରାଜା କହିବା ପରେ ନଇଁଥିଲା ଇସ୍କନ ।



## କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ରାଗିଂ, ୫ ଛାତ୍ର ଗିରଫ

ଭୁବନେଶ୍ୱର,୬।୧୧(ପି.ଏନ): କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଜଣେ ଜୁନିୟର ଛାତ୍ରଙ୍କୁ ରାଗିଂ ଅଭିଯୋଗରେ ୫ ଜଣ ସିନିୟର ଛାତ୍ରଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ଏହା ସହିତ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ୧ ବର୍ଷ ପାଇଁ ବାସନ୍ଦ କରିଛନ୍ତି। ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ଗତକାଲି ରାତିରେ ତୃତୀୟ ବର୍ଷର ୫ ଜଣ ଛାତ୍ର ଠେଙ୍ଗା ଓ ରଡ୍ ?ରେ ଆକ୍ରମଣ କରିଥିଲେ। ରାତି ପ୍ରାୟ ୨ଟା ୪୫ରେ ଏହି ଘଟଣା ଘଟିଥିଲା। ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କ ହଷ୍ଟେଲରେ ତାଙ୍କ ରୁମ୍‌ରେ ଶୋଇଥିବା ବେଳେ ଏହି ୫ ଛାତ୍ର ତାଙ୍କୁ ଆକ୍ରମଣ କରଥିଲେ। ଅଭିଯୁକ୍ତମାନେ ରୁମ୍ ?ର କବାଟ ଭାଙ୍ଗି ଭିତରେ ପଶିଥିଲେ ଓ ଠେଙ୍ଗା ଏବଂ ଲୁହା ରଡ୍ ?ରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ପିନ୍ଧିଥିବା ସୁନା ମୁଦିକୁ ମଧ୍ୟ ଅଭିଯୁକ୍ତମାନେ ନେଇଯାଇଥିଲେ। ଅଚେତ ଅବସ୍ଥାରେ ପଡିଥିବା ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କୁ ତାଙ୍କର ସାଙ୍ଗମାନେ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



## ବାତ୍ୟା କ୍ଷତିପୂରଣ ନେଇ ରାଜସ୍ୱ ମନ୍ତ୍ରୀ ସୂଚନା: କହିଲେ- '୭ ଦିନ ଭିତରେ ଜିଲ୍ଲାପାଳମାନେ ଲୋକଙ୍କୁ ଦେବେ ଟଙ୍କା'

ଭୁବନେଶ୍ୱର,୬।୧୧(ପି.ଏନ): ୭ ଦିନ ଭିତରେ ଲୋକଙ୍କୁ ବାତ୍ୟା କ୍ଷୟକ୍ଷତି ଟଙ୍କା ଦେବେ ଜିଲ୍ଲାପାଳ। ବାତ୍ୟା କ୍ଷତିପୂରଣ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା। ସଂଧ୍ୟା ସୁଦ୍ଧା ବିଭିନ୍ନ ଜିଲ୍ଲାକୁ ଅନଲାଇନରେ ପଠାଯିବ ଟଙ୍କା। ୭ ଦିନ ଭିତରେ ଜିଲ୍ଲାପାଳମାନେ ଲୋକଙ୍କୁ କ୍ଷତିପୂରଣ ଟଙ୍କା ଦେବେ। ବାତ୍ୟା ପ୍ରଭାବରେ ୬୧୬ କୋଟି ୧୯ ଲକ୍ଷ ୩୦ ହାଜର ଟଙ୍କା କ୍ଷତି ହୋଇଛି । ୧୪ ଜିଲ୍ଲାର ୧୬୬ବ୍ଲକ ଭିତରୁ ୧୩୧ଟି ପ୍ରଭାବିତ ହୋଇଛି । ୧୧ ହଜାର ୬୩୭ ଗାଁ ପ୍ରଭାବିତ ହୋଇଛି । ୪୧ ଲକ୍ଷ ୪ ହଜାର ଲୋକ ପ୍ରଭାବିତ ହୋଇଥିଲେ । ୩୬୨୯୩୫.୩୭ ହେକ୍ଟର ଜମି ପ୍ରଭାବିତ ହୋଇଛି । ଫସଲ ପ୍ରଭାବିତ ଅଞ୍ଚଳ ୧୭୨୩୫୬.୮୧ ହେକ୍ଟର ଜମି । ୮୨୯୨.୮୨ ଲକ୍ଷ ହେକ୍ଟର ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି । ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିଲେ କ୍ଷତି ପୂରଣ ଇନପୁଟ ସବସିଡି ଭିତରକୁ ଆସିବ । ୮୭୮୫୫.୪୭ ହେକ୍ଟର ଜମିରେ ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଛି । ୮୨ କୋଟି ୯୨ ଲକ୍ଷ ୮୨ ହଜାର ଟଙ୍କାର ଫସଲ ନଷ୍ଟ । ୧୬୪୧୭ ଘର ଆଂଶିକ ବା ସଂପୂର୍ଣ୍ଣ ପ୍ରଭାବିତ ହୋଇଛି । ୨୧ କୋଟି ୩୨ ଲକ୍ଷ ଟଙ୍କାର ଘର କ୍ଷତି ହୋଇଛି । କୃଷି, ଶକ୍ତି, ପଞ୍ଚାୟତିରାଜ, ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ , ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ ବିଭାଗର କ୍ଷତି ହୋଇଛି । ଏହି ସବୁ ବିଭାଗରେ ୫୧୨ କୋଟି ୨୬ ଲକ୍ଷ ୧୬ ହଜାର ଟଙ୍କା କ୍ଷତି ହୋଇଛି । ବାତ୍ୟା ସମୟରେ ରିଲିଫ, ଖାଇବା, ମେଡିକାଲ ସେବା ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୩ କୋଟି ୭୩ ଲକ୍ଷ ୭୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।ମୋଟ ୬୧୬ କୋଟି ୧୯ ଲକ୍ଷ ୩୦ ହଜାର ଟଙ୍କା କ୍ଷତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଦିନେ ଦୁଇ ଦିନ ଭିତରେ ଜିଲ୍ଲା ଗୁଡ଼ିକୁ କ୍ଷତି ପୂରଣ ରାଶି ଯିବ । ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ରାଶି ତୁରନ୍ତ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ମାନଙ୍କୁ ମଧ୍ୟ କ୍ଷତି ପୂରଣ ରାଶି ଦିଆଯିବ । ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ରାଶି ତୁରନ୍ତ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗମାନଙ୍କୁ ମଧ୍ୟ କ୍ଷତି ପୂରଣ ରାଶି ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।



## ପଦ୍ମ ଧରିଲେ ସୁନନ୍ଦା ଦାସ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ହେଲେ ସାମିଲ

ଭୁବନେଶ୍ୱର,୬।୧୧(ପି.ଏନ): ଆଜି ବିଜେପିରେ ସାମିଲ ହେଲେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହ ପଦ୍ମ ଧରିଲେ ସୁନନ୍ଦା ଦାସ । ଦଳୀୟ କାର୍ଯ୍ୟକ୍ରମରେ କୋଣଠେସା କରାଯିବା ସହ ଦଳ ତାଙ୍କୁ ଅଣଦେଖା କରୁଥିବାରୁ ବାଧ୍ୟ ହୋଇ ବିଜେଡି ଛାଡିଥିବା କହିଥିଲେ ସୁନନ୍ଦା ଦାସ ।ବିଜେଡି ଛାଡିବା ପରେ ସୁନନ୍ଦା ଦାସ ବିଜେଡି ଦଳ ଭିତର ଅନେକ ଗୁମର ଖୋଲିଥିଲେ । ସୂଚନାଯୋଗ୍ୟ ୨୦୧୯ରୁ ୨୦୨୪ ପର ?ୟ୍ୟନ୍ତ ସେ ବରୀର ବିଧାୟିକା ଥିଲେ । କିନ୍ତୁ ୨୦୨୪ରେ ଦଳୀୟ ଟିକେଟରୁ ସେ ବଞ୍ଚିତ ହୋଇଥିଲେ । ତାଙ୍କ ବଦଳରେ ବିଜେପି ଛାଡି ଯୋଗ ଦେଇଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଦଳ ଟିକେଟ୍ ଦେଇଥିଲା । ଆଉ ସେ ବିଜୟୀ ମଧ୍ୟ ହୋଇଥିଲେ । ତେବେ ଗତ ୫ ମାସ ହେବ ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ ସୁନନ୍ଦା ଦାସ । ଏଥିରେ ମର୍ମାହତ ହୋଇ ସେ ବିଜେଡିରୁ ଇସ୍ତଫା ଦେଇଥିଲେ । ଉଲ୍ଲେଖନୀୟ ୨୦୧୯ ନିର୍ବାଚନରେ ସୁନନ୍ଦାଙ୍କ ଠାରୁ ସେ ସମୟରେ ବିଜେପିର ପ୍ରାର୍ଥୀ ଥିବା ବିଶ୍ୱରଞ୍ଜନ ମଲ୍ଲିକ ୪ ହଜାର ଭୋଟରେ ହାରିଥିଲେ । ତଥାପି ୨୦୨୪ରେ ଦଳ ତାଙ୍କୁ ଆଉ ଭରସା କରି ନ ଥିଲା । ବିଜେଡିରେ ସୁନନ୍ଦା ନିଜକୁ ଅସହଜ ମଣିଥିଲେ । ଆଉ ଆଜି ସେ ନିଜ ଦଳରୁ ଇସ୍ତଫା ଦେଇଛନ୍ତି । ସେ ଠିକ୍ ସେହି ସମୟରେ ଇସ୍ତଫା ଦେଇଛନ୍ତି ଯେଉଁ ଦିନ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, ଆଜି ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ବିଜୟୀ ହେବ ।




## ପୁଡୁଚେରୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ: ଓଡିଶାରୁ ୨ ଓ ଆନ୍ଧ୍ରରୁ ଜଣେ ଗିରଫ

ଭୁବନେଶ୍ୱର,୬।୧୧(ପି.ଏନ): ମୁମ୍ବାଇର ଜଣେ ୧୬ ବର୍ଷୀୟ ଝିଅଙ୍କୁ ପୁଡୁଚେରୀରେ ଗଣଦୁଷ୍କର୍ମ କରାଯାଇଛି। ପ୍ରଥମେ ଜଣେ ଅଟୋ ଡ୍ରାଇଭର ଓ ପରେ କିଛି ସଫଟୱେୟାର ଇଞ୍ଜିନିୟର ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ପୁଲିସ୍ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ପୁଡୁଚେରୀର ଗୋଟିଏ ସମୁଦ୍ର କୂଳରୁ ଉଦ୍ଧାର କରିଥିଲା। ପୁଡୁଚେରୀରେ ରହୁଥିବା ପରିବାର ଲୋକଙ୍କ ପାଖକୁ ନାବାଳିକା ଜଣଙ୍କ ଦୀପାବଳି ପାଇଁ ବୁଲିବାକୁ ଆସିଥିଲେ। ହେଲେ ସେ ଦୁଇ ଦିନ ହେଲା ନିଖୋଜ ରହିଥିଲେ। ପୁଲିସ୍ ? ଘଟଣାର ତଦନ୍ତ କରି ଅଭିଯୁକ୍ତ ଅଟୋ ଡ୍ରାଇଭର ସମେତ ୨ ଜଣଙ୍କୁ ଓଡିଶାରୁ ଓ ଜଣଙ୍କୁ ଆନ୍ଧ୍ରରୁ ଗିରଫ କରିଛି। ପୁଲିସ୍‌ର ସୂଚନା ଅନୁଯାୟୀ, ସମୁଦ୍ର କୂଳରୁ ନାବାଳିକାଙ୍କୁ ଅତ୍ୟନ୍ତ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯିବା ପରେ ଜେଆଇପିଏମଇଆର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରୀ ମାଇନାରୁ ନାବାଳିକା ଜଣଙ୍କ ଗଣଦୁଷ୍କର୍ମର ଶିକାର ହୋଇଥିବା ଜଣାପଡିଥିଲା। ଅକ୍ଟୋବର ୩୧ରେ ନାବାଳିକାଙ୍କ ମା' ଝିଅର ନିଖୋଜ ନେଇ ଗ୍ରାଣ୍ଡ ବଜାର ପୁଲିସ୍‌ରେ ଅଭିଯୋଗ କରିଥିଲେ। ଘରେ ପାଟିତୁଣ୍ଡ ହେବାରୁ ଝିଅ କେଉଁ ଆଡ ଚାଲି ଯାଇଥିବା ସେମାନେ କହିଥିଲେ। ଅଭିଯୋଗର ଦୁଇ ଦିନ ପରେ ନାବାଳିକାଙ୍କୁ ସମୁଦ୍ର କୂଳରୁ ଉଦ୍ଧାର କରାଯାଇଥିଲା।











# ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ





ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି । ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା । ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ । ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା । ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା । ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି ।

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ

ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ହୋଇପାରିବ ବୋଲି କମ୍ପାନୀ



ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭ଼ି ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଶଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସିହିତ ଜଡ଼ିତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି ।



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ । ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ । ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି । ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର । ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ । ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ । ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି । ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ । ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।





ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ୱାଜା ତୁମ ହୋ' ହୋଇଛି ରିଲିଜ୍ । ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି । ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି । ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି । ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ । ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ । କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା ।

# ଇଲେକ୍ଟ୍ରିକ୍ ଚାମଚ

ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା



କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଶେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲୋ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ୍) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଈଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ । ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲାନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା । ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ । ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ । ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ । ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ । ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପ୍ରବର୍ତ୍ତନକୁ ତିଳକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠାଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନୀ ଘଟିଲା । ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କ ବକ୍ଷଶୂଳ ହେଲେ । ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭାଗ୍ୟଜନକ । ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ । ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ । ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଅକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା । ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା । ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରିରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତ୍ତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଂଟ ଆୟରଟଙ୍କୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାଶୀଦଣ୍ଡ ପାଇଥିଲେ । ତିଳକ ନର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତାମାନେ ଆପତି ଉଠାଇଲେ । ସାଂସଦ ଉଇଲିୟମ୍ ହଂଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ । ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା । ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ । କଲିକତା ଅଧିବେଶନରେ ବଙ୍କିମ୍‌ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍‌ଦଣ୍ଡ ଭୋଗ କରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା । ବିଶୃଙ୍ଖଳା ଚରମସୀମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ । ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ । ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ । କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ । ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଟଙ୍କା ଅର୍ଥଦଣ୍ଡ । ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ ସଶ୍ରମ ଜେଲ୍‌ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ । ଆବେଦନ ନାମଂଜୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ X ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ । କୁଲକର୍ଣ୍ଣ ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ । ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା । ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକଓ୍ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା ।



ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ । ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ । ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ । ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍‌ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା । ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ । ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି ।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବହେି ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଳକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଛନ୍ତି । ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି । ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ । ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି । ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ । ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା । ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି । ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି । ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି । ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି । ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି । କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି । ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି । ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି । ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ୍ୟ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି । ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି ।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ । ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି । ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି । ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି । ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।




# ରମା ଏକାଦଶୀ ମହାତ୍ମ୍ୟ



କାର୍ତ୍ତିକ ମାସ କୃଷ୍ଣପକ୍ଷ ଏକାଦଶୀର ନାମ ରମା ଏକାଦଶୀ । ଏହି ଏକାଦଶୀର ମହାତ୍ମ୍ୟ ବୁଝାଇ ଭଗବାନ ବିଷ୍ଣୁ ଯୁଧିଷ୍ଠିରଙ୍କୁ କୁହନ୍ତି ଯେ ମୁଚକୁନ୍ଦ ନାମକ ଜଣେ ରାଜା ସତ୍ୟବାଦୀ ତଥା ବିଷ୍ଣୁଙ୍କର ପରମ ଭକ୍ତ ଥିଲେ। ତାଙ୍କ କନ୍ୟାର ନାମ ଚନ୍ଦ୍ରଭାଗା ଥିଲା। ତାଙ୍କର ବିବାହ ରାଜକୁମାର ଶୋଭନଙ୍କ ସହିତ ହୋଇଥିଲା। ଶୋଭନ ବହୁତ ଦୁର୍ବଳ ଥିଲେ ଅଥଚ ଶ୍ରଦ୍ଧା ଓ ମାନସିକ ଶକ୍ତିରେ ସେ ଖୁବ୍ ଶକ୍ତିଶାଳୀ ଥିଲେ। ଏକଦା ସେ ଶ୍ୱଶୁର ଘରକୁ ଯାଇଥିଲେ। ଠିକ୍ ସେତିକି ବେଳେ ରମା ଏକାଦଶୀ ପଡିଲା । ରାଜା ମୁଚୁକୁନ୍ଦ ରାଜ୍ୟରେ ଢ଼େଙ୍ଗୁରା ଦେଲେ ଯେ ସମସ୍ତ ପ୍ରଜାକୂଳ ଏହି ଏକାଦଶୀ ପାଳନ କରିବାକୁ ବାଧ୍ୟ। ତା'ବି ଘୋଷଣା କଲେ ଯେ ଏମିତିକି ହାତୀ, ଘୋଡା , ଓଟ ଏବଂ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଖାଇବାକୁ ଦିଆଯିବ ନାହିଁ । ସେମାନେ ବି ଉପବାସ କରିବେ । ଏକଥା ଶୁଣି ଶୋଭନ ନିଜ ସ୍ତ୍ରୀକୁ କହିଲେ: ମୋର ଶରୀରର ଅବସ୍ଥା ଯାହା ଉପବାସ କରିବିତ ବଂଚି ପାରିବି ନାହିଁ । ଏବେ କୁହ କ'ଣ କରାଯିବ? ଏଥିକୁ ତାଙ୍କ ସ୍ତ୍ରୀ କହିଲେ ଯେ ଯଦି ଉପବାସ କରିବାର ଦୈହିକ ଶକ୍ତି ନାହିଁ, ତେବେ ଏଠାରୁ ତୁମେ ଅନ୍ୟ ସ୍ଥାନ ଚାଲିଯାଅ। ଉତ୍ତରରେ ସେ ଚନ୍ଦ୍ରଭାଗାଙ୍କୁ କହିଲେ : ମାନୁଛି ଯେ ଉପବାସ ପାଇଁ ମୋ'ଠାରେ ଶାରୀରିକ ଶକ୍ତି ଦୁର୍ବଳ ହେଲେ ହେଁ, ମୋ' ମନ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ଏଥିପାଇଁ ବହୁ ପ୍ରବଳ । ଏଣୁ ମୁଁ ପ୍ରତିଶ୍ରୁତିବଦ୍ଧ ଯେ ମୋ' ଶରୀରରୁ ଘଟ ପଛେ ତୁଟି ଯାଉ ମୁଁ ବ୍ରତ ଭାଙ୍ଗିବି ନାହିଁ । ଏଣୁ ସେ ରମା ଏକାଦଶୀ ବ୍ରତ କଲେ। ଭୋକ ଓ ଶୋଷ କାରଣରୁ ସତରେ ତାଙ୍କର ପ୍ରାଣବାୟୁ ଉଡିଗଲା ଅଥଚ ବ୍ରତର ପ୍ରଭାବରେ ଇନ୍ଦ୍ରାଂଚଳ ପର୍ବତ ଉପରେ ଥିବା ରତ୍ନ ଜଟିତ ଉତ୍ତମ ନଗର ତାଙ୍କୁ ପ୍ରାପ୍ତ ହେଲା। ଏଠାରେ ସେ ଇନ୍ଦ୍ରଙ୍କ ସୁଲାଭ ଆନନ୍ଦ ପାଇଲେ। ଗନ୍ଧର୍ବ ଓ ଅପ୍ସରାମାନେ ତାଙ୍କର ସେବା ଏବଂ ସ୍ତୁତିଗାନ କଲେ। ଏକଦା ମୁଚକୁନ୍ଦ ନଗରୀର ଜଣେ ବ୍ରାହ୍ମଣ ସୌମ୍ୟ ଶର୍ମା ତୀର୍ଥ ବାହାରି ସେଠାରେ ପହଂଚିଲେ। ତାଙ୍କର ଶୋଭନଙ୍କ ସହିତ ପରିଚିତ ହେଲା ଏବଂ ସେ ସେହି ସ୍ଥାନ କିପରି ପାଇଲେ ବୋଲି ପଚାରିଲେ। ଶୋଭନ କହିଲେ ଯେ ଏସବୁ ରମା ଏକାଦଶୀ ପାଳନର ଫଳ। ମୋ' ଜନ୍ମର ସମସ୍ତ ପାପର ବିନାଶ ଘଟିଛି ଏବଂ ମୋତେ ଏ ଅନୁପମ ନଗର ଓ ଦେବ ସୁଖ ମିଳିଛି। ତେବେ ଏ ନଗର ମୋ' ପାଇଁ ଅଧ୍ରୁବ। କେବଳ ଧ୍ରୁବ ମୋ ପତ୍ନୀ ଯୋଗୁଁ ସମ୍ଭବ ହୋଇପାରେ। ତୁମେ ଏ ବାର୍ତ୍ତା ତାଙ୍କୁ ଦେବ? ବ୍ରାହ୍ମଣ ଏ ବାର୍ତ୍ତା ଚନ୍ଦ୍ରଭାଗାଙ୍କୁ ଦେଲେ। ଏବେ ଚନ୍ଦ୍ରଭାଗା ମନ୍ଦ୍ରାଂଚଳ ପର୍ବତରେ ଥିବା ମୁନି ବାମଦେବଙ୍କ ଆଶ୍ରମରେ ପହଂଚିଲେ। ସେ ତାଙ୍କ ସ୍ୱାମୀଙ୍କ ସହିତ କିପରି ମିଶିବେ ତା'ର ଉପାୟ ଆତ୍ମଭିକ୍ଷା କଲେ। ମୁନି ତାଙ୍କୁ ମନ୍ତ୍ରଦ୍ୱାରା ଅଭିଷେକ କଲେ। ସେ ଘଟ ଛାଡିଲେ ଏବଂ ଦିବ୍ୟ ଶରୀର ଧରି ସ୍ୱାମୀଙ୍କ ପାଖେ ପହଂଚିଲେ। ଶୋଭନଙ୍କ ଅଧ୍ରୁବ ଅନୁପମ ନଗର, ଏବେ ଧ୍ରୁବରେ ପରିଣତ ହେଲା। ସେମାନେ ଏବେ ରମା ଏକାଦଶୀ ପାଳନ ପୂର୍ବକ ନିଶ୍ଚିତ ଏବଂ ଜୀବନ ଯାପନ କଲେ। କାହାଣୀ ନିଶ୍ଚୟ ମଧୁର। କୁହାଯାଏ ଯେ କାହାଣୀ ଶୁଣିଲାବାଲାର ବି ବିଷ୍ଣୁଲୋକ ପ୍ରାପ୍ତି ହୁଏ। ମନ ଜିଣି ଉପବାସ ପାଇଁ ସ୍ୱାସ୍ଥ୍ୟାର୍ଥେ ପ୍ରବର୍ତ୍ତାଇବାର ଏହା ଏକ ବିଳିଷ୍ଟ ମାଧ୍ୟମ।

## 'ଓଡିଶା ଦୁର୍ନୀତି ସଂଘର୍ଷ ମଂଚ' ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭୁବନେଶ୍ୱର (ପିଏନ୍): ସାରା ଦେଶରେ ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପେକ୍ଷୀରେ ଓଡିଶା ଦୁର୍ନୀତି ସଂଘର୍ଷ ମଂଚ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ଏନ୍-୪, ଆଇ.ଆର.ସି. ଭିଲେଜ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଭ୍ୟସଭ୍ୟାଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରାଯାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ସୋନାଲି ସାହୁ, ଅର୍ଚ୍ଚିତା ଦିଗାଲ, ଭାଗ୍ୟଶ୍ରୀ ବେହେରା, ମେନକା ପ୍ରଧାନ, ତୁଳସୀ ଜେନା ଏବଂ ଇପ୍‌ସିତା ବେହେରା ପାରମ୍ଭିକ ସଙ୍ଗିତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ମଂଚର ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡଙ୍ଗୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଜୀବନରେ ସ୍ୱଚ୍ଛତା ଓ ନୈତିକତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାରେ ଆମେ ସମସ୍ତେ ସହଭାଗୀ ହୋଇପାରିବା ବୋଲି ସେ କହିଥିଲେ। ସେ ନିଜ ଜୀବନରେ ଘଟିଯାଇଥିବା ଅନେକ ସଂଘର୍ଷପୂର୍ଣ୍ଣ ଘଟଣାର ଅବତାରଣା କରି ପିଲାମାନେ କିଭଳି ସାହାସର ସହ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରିପାରିବେ ତାର ଉଦାହରଣ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କବିତା କର ପିଲାମାନେ କିଭଳି ନିଜ ଜୀବନରେ ନିର୍ଭୀକତାର ସହ ଦୁର୍ନୀତିର ସାମ୍ନା କରିପାରିବେ ତାହା କହିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ପରିଚାଳକ ଅଞ୍ଜନ ଦେବତା ପିଲାମାନଙ୍କୁ ଦୁର୍ନୀତି ବିରୁଦ୍ଧର ସଂଘର୍ଷରତ ରହିବା ପାଇଁ ପ୍ରେରିତ କରିବା ସହ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏଭଳି



ଏକ ଗଠନମୂଳକ କାର୍ଯ୍ୟକ୍ରମ ଆୟୋଜିତ କରିଥିବାରୁ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ମଂଚର ଅନ୍ୟତମ ବରିଷ୍ଠ ସଦସ୍ୟା ଜ୍ୟୋସ୍ନା ଦାସ ପିଲାମାନଙ୍କୁ ଜୀବନରେ ସ୍ୱଚ୍ଛତା ସହ ସାଧୁତା ଏବଂ ନୈତିକତାପୂର୍ଣ୍ଣ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ମଂଚର ସାଧାରଣ ସମ୍ପାଦକ ଡଃ ଜଗବନ୍ଧୁ ଷଡଙ୍ଗୀ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରାଇଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ବ୍ୟବହାର ପାଇଁ ଓଡିଶା ଦୁର୍ନୀତି ସଂଘର୍ଷ ମଂଚ ପକ୍ଷରୁ ଗୋଟିଏ ଗ୍ଲୋବ ଏବଂ ଭାରତର ମାନଚିତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ସ୍ୱର୍ଣ୍ଣପ୍ରଭା ଶତପଥୀ ମଂଚ ପରିଚାଳନା କରିଥିଲେ। ମଂଚର ଅନ୍ୟତମ ସଦସ୍ୟା ଯୋଗ ଶିକ୍ଷୟତ୍ରୀ ସୌଦାମିନୀ ପଣ୍ଡା ପିଲାମାନଙ୍କୁ ଜଣେ ଜଣେ ଉତମ ନାଗରିକ ହେବାପାଇଁ ଉପଦେଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଦୁର୍ନୀତି ସଂଘର୍ଷ ମଂଚର ସଦସ୍ୟ ଅମୀର ସାହୁ, କ୍ଷିତୀଶ ପାଲଟାସିଂହ, ଦୀନବନ୍ଧୁ ଷଡଙ୍ଗୀ, ତରୁଣ ପଟ୍ଟନାୟକ, ସୁଧାଂଶୁ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଗଠିତ




ଭୁବନେଶ୍ୱର (ପିଏନ୍): ବାଲ୍ୟ ବିବାହକୁ ପ୍ରତିରୋଧ କରିବା, ଗାଁ, ସାହି, ବସ୍ତିରେ ଜନଜାଗରଣ ସୃଷ୍ଟି କରିବା ଓ ମଞ୍ଚ ମାଧ୍ୟମରେ ହାତକୁ ହାତ ମିଳାଇ ବାଲ୍ୟ ବିବାହର କୁପ୍ରଭାବ ଉପରେ ଜନ ସଚେତନତା ନିମନ୍ତେ ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ରଙ୍କ ଅଧକ୍ଷତାରେ ୪୫ଜଣ ଯୁବକ/ ଯୁବତୀଙ୍କୁ ନେଇ ଗଠିତ ହୋଇଛି ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ । ଜିଲ୍ଲା ପ୍ରଶାସନ ଖୋର୍ଦ୍ଧା, ୟୁନିସେଫ, ଆକ୍ସନଏଡ ଓ ସିସଡବ୍ଲୁଡିଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସଂଗଠିତ ମନୋଭାବ, ବାଲ୍ୟ ବିବାହର କୁ ପ୍ରଭାବ, ଓ ବାଲ୍ୟ ବିବାହକୁ ପ୍ରତିରୋଧ କରିବା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଥିରେ ଶିଶୁ ସୁରକ୍ଷା କମିଟିର ମାନସୀ ପ୍ରହି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ସଂଗୀତା ପାଢ଼ୀ, କବିତା ମହାପାତ୍ର ଶିଶୁମାନଙ୍କର ବିକାଶ ଓ ସୁରକ୍ଷାର ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଆକ୍ସନଏଡର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓଡିଶାର ବାଲ୍ୟ ବିବାହର ସ୍ଥିତି ଉପରେ ଆଲୋକପାତ କରିଥିବା ବେଳେ ଆକ୍ସନଏଡ୍‌ର ଶୁଭେନ୍ଦୁ କୁମାର ରାୟ, ବି.ଏନ୍ ଦୁର୍ଗା ବାଲ୍ୟ ବିବାହର ବିଭିନ୍ନ କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ପୃଷ୍ଠଭୂମି ଉପରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଆକ୍ସନଏଡ୍‌ର ସ୍ୱାତୀ ତନୟା ମିଶ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଓ ପରିଶେଷରେ ଭାସ୍କର ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯୁବକ/ ଯୁବତୀମାନେ ଦଳଗତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପାଗାବାବୁ ମେମୋରିଆଲ୍ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁରର ବିଶିଷ୍ଟ ସମାଜସେବୀ ହିରଣ୍ୟ କିଶୋର କାନୁନ୍‌ଗୋ (ପାଗା ବାବୁ)ଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀରେ ସ୍ଥାନୀୟ ଦେବୀଦ୍ୱାର ସ୍ଥିତ ମଙ୍ଗଳା ମନ୍ଦିର ଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ପୌରପାଳିକାର ଅଧକ୍ଷା ରଂଜୁଲତା ହୋତା, ଶିକ୍ଷାବିତ କାମେଶ୍ୱର ପଣ୍ଡା, ସ୍ଥାନୀୟ କାଉନସିଲର ସୁରେନ୍ଦ୍ର ରଣା, ମାନବାଧିକାର କର୍ମୀ ଅଭିଜିତ ଦୀକ୍ଷିତ, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଶୁଭ ଉଦ୍‌ଘାଟନ କରିଥିଲେ। ପାଗାବାବୁଙ୍କ ପୁତୁରା ଅମୃତାଙ୍କ ଦାସ, ଓଁକାର ଦାସ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରଂଜନ ମହାନ୍ତି, ଲିପୁନ ପାତ୍ର, ଚନ୍ଦନ ଦୀକ୍ଷିତ, ଶଶାଙ୍କ ଶେଖର ଦାସ, ଶିବଶକ୍ତି ମହାବାବୁ, ରାଜେଶ ପଟ୍ଟନାୟକ, ଉମେଶ ବେହେରା, ସନ୍ତୋଷ ସିଂ, ଉମାକାନ୍ତ ଦତ୍ତ, ସୁବ୍ରତ ଦାସ, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିଥିଲେ।

## ପରାଗ ଓ ଗ୍ରହଣ ବେଳେ ହେତୁବାଦୀଙ୍କ ବିଧର୍ମୀ କାର୍ଯ୍ୟକୁ ବଳଦେବ ସେନା ଓ ସେବାୟତଙ୍କ ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ସେବାୟତ ଓ ବଳଦେବ ସେନାର ମିଳିତ ସହଯୋଗରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ପାକନୀତି ନିଷିଦ୍ଧ ଥିବାବେଳେ ସର୍ବସମ୍ମୁଖରେ ଆମିଷ ଭୋଜନ କରି ହିନ୍ଦୁ ଧର୍ମକୁ ଉପହାସ କରିବା ଘଟଣାକୁ ନେଇ ଦୃଢ ନିନ୍ଦା କରାଯିବା ସହ ଶ୍ରୀବଳଦେବଜୀୟୁଙ୍କ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ହେତୁବାଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯଦି ଆଗାମୀ ଦିନରେ ହେତୁବାଦୀମାନେ ଏଭଳି କାର୍ଯ୍ୟ କରନ୍ତି ତେବେ ସେବାୟତ ଓ ବଳଦେବସେନା ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବା ସହ ସେମାନଙ୍କ ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସେବାୟତ ନୃସିଂହ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ, ସୁରେଶ ପତ୍ରୀ, ରବିନ୍ଦ୍ର ସୁଆର, ରଞ୍ଜନ ସୁଆର, ନିରଞ୍ଜନ ସୁଆର, ଧର୍ମଦର୍ଶୀ କର, ପ୍ରମୋଦ କର, ପୁପୁନ ସ୍ୱାଇଁ, ଶଶିକାନ୍ତ ସୁଆର, ମହେଶ୍ୱର ପତ୍ରୀ, ନିରଞ୍ଜନ ମେକାପ, ଗଣେଷ ପତ୍ରୀ, କାର୍ତ୍ତୀକ ସୁଆର, ହରିଚନ୍ଦନ ସୁଆର, ହୃଷିକେଶ ପତ୍ରୀ ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯୋଡ଼ିକୁଅାଁଠାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯୋଡ଼ିକୁଅାଁ ସ୍ଥିତ ଲକ୍ଷ୍ମୀନାରାୟଣ ପୂଜା କମିଟି ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଶିକ୍ଷାବିତ ଭରତ ନାୟକ, ଧନଞ୍ଜୟ ନାୟକ, ଧନଞ୍ଜୟ ପୃଷ୍ଟି, ଭାବଗ୍ରାହୀ ମିଶ୍ର, ନିରଂଜନ ରାଉତ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, ମୋନାଲିସା ଓଝା, ଅଭିଲିପ୍ସା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଭକ୍ତି କୈବଲ୍ୟର ସମ୍ପାଦକ ତଥା ଅଧାପକ ଡକ୍ଟର କୈଳାସ ବେହେରା ସ୍ଥାନୀୟ କାଉନସିଲର ସୁବାଶିଷ ରାଉତ ଓ ଲକ୍ଷ୍ମୀନାରାୟଣ ପୂଜା କମିଟିର ସଭାପତି ବଳରାମ ସାହୁ, ସମ୍ପାଦକ ବିଶ୍ୱନାଥ ମିଶ୍ର, ବରିଷ୍ଠ ସଭ୍ୟ ନୃସିଂହ ରାଉତ, ଶିକ୍ଷାବିତ ପରମେଶ୍ୱର ନାୟକ, ବରିଷ୍ଠ ସଭ୍ୟ ଖଗେଶ୍ୱର ସାହୁ, ପ୍ରତାପ ନାୟକ, ନୀତେଶ୍ୱର ଚନ୍ଦନ ମହାନ୍ତି, ଅଶ୍ୱିନୀ ତେଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚ୍ଛଳନା କରିଥିଲେ। ହଜାର ହଜାର ଦର୍ଶକ ଭଜନ ସନ୍ଧ୍ୟାକୁ ଉପଭୋଗ କରିଥିଲେ।

### ଅଧୀର ମାନବିକ ଅଧିକାର ଶାଖାର ଜାତୀୟ ସଭାପତି ନିଯୁକ୍ତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତ ସାନବାଲିକୁଦା ଗ୍ରାମର ବିଜେପି ଯୁବନେତା ଅଧୀର କୁମାର ଜେନାଙ୍କୁ ନୂଆଦିଲ୍ଲୀସ୍ଥିତ ମା' ଶାରଦା ଚାରିଟେବୁଲ୍ ଟ୍ରଷ୍ଟ୍‌ର ମାନବିକ ଅଧିକାର ଓ ଦୁର୍ନୀତି ନିବାରଣ ଶାଖାର ଜାତୀୟ ସଭାପତି ଭାବେ ନିଯୁକ୍ତି ମିଳିଛି । ସର୍ବଭାରତୀୟ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର ଓ ସେବା କାର୍ଯ୍ୟରେ ନିୟୋଜିତ ଥିବା ଉକ୍ତ ସଂଗଠନର ରାଷ୍ଟ୍ରୀୟ ସଭାପତି ନିଯୁକ୍ତ ହେବା ପରେ ଶ୍ରୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଶ୍ରୀ ଜେନା ପୂର୍ବରୁ ପିସିସିର ୨ଥର ସଂପାଦକ, ଏକାଧିକ କୃଷକ ସଂଗଠନର ନେତୃତ୍ୱ ନେଇଥିବା ବେଳେ ବର୍ତ୍ତମାନ ସେ ଭାରତୀୟ ଉପଭୋକ୍ତା ସମିତିର ରାଷ୍ଟ୍ରୟ ପ୍ରବକ୍ତା ଓ ରାଜ୍ୟ ସଭାପତି ଏବଂ ପାରାମେଡ଼ିକ୍ସ ସଂଘର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ସଂପାଦନ କରିଛନ୍ତି । ଏଥିପାଇଁ ବହୁ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଅଶାନ୍ତି



କେନ୍ଦ୍ରାପଡ଼ା (ପିଏନ୍): କିଛିଦିନ ଧରି ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଅନଲାଇନରେ ପରୀକ୍ଷା ଦେଉଥିଲେ। କିନ୍ତୁ ଆସନ୍ତା ୧୬ ତାରିଖଠାରୁ +୩ ଶ୍ରେଣୀର ଯେଉଁ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଆରମ୍ଭ ହେବ ତାହା ପୂର୍ବଭଳି ଅଫଲାଇନରେ ହେବବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ ଏହା ବିରୋଧରେ ମହାବିଦ୍ୟାଳୟର ଛାତ୍ରୀମାନେ ପ୍ରତିବାଦ କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ପାଖରେ ଗତ ମଙ୍ଗଳବାର ବିକ୍ଷୋଭ କରିଥିଲେ। ପ୍ରାୟ ଏକ ଘଣ୍ଟାକାଳ ଏହି ଆନ୍ଦୋଳନ ଚାଲିବାପରେ ମହାବିଦ୍ୟାଳୟର ଅଧକ୍ଷ ରଞ୍ଜିତ ରଞ୍ଜନ ସାହୁ ଛାତ୍ରୀପ୍ରତିନିଧି ମାନଙ୍କୁ ତାଙ୍କ ପ୍ରକୋଷ୍ଠକୁ ଡକାଇ ଏକ ପ୍ରତିବାଦପତ୍ର ଲେଖାଇ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖକୁ ଏହାର ପୁନର୍ବିଚାର କରିବାପାଇଁ ପଠାଇବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଜନଶକ୍ତି ପାର୍ଟିର ଗୋଦାବରିଶ ଜୟନ୍ତୀ



କେନ୍ଦ୍ରାପଡ଼ା (ପିଏନ୍): ଜନଶକ୍ତି ପାର୍ଟି ପକ୍ଷରୁ ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ ଗରାପୁରଠାରେ ଜୟନ୍ତୀ ପାଳିତ ହୋଇଛି। ଅର୍ଦ୍ଧ ଶତାବ୍ଦୀର ବିନ୍ଧାଣି ଶ୍ରୀ ମିଶ୍ର ଜଣେ ଏକା ଧାରରେ ସ୍ୱାଧିନତା ସଂଗ୍ରାମୀ, ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ, ନବ ଉତ୍କଳ ନିର୍ମାତା ଗୋପବନ୍ଧୁଙ୍କ ପଞ୍ଚସଖା ମଧ୍ୟରୁ ଅନ୍ୟତମ ଥିଲେ । ଷଢେଇକଳା ଖରସୁଆଁ ଆନ୍ଦୋଳନ ଏବଂ ଓଡିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ବିନ୍ଧାଣୀ ଥିବା ଶ୍ରୀ ଦାଶ କହିଥିଲେ । ପ୍ରଚାର କମିଟି ଅଧକ୍ଷ ସୂର୍ଯ୍ୟମଣି ପଣ୍ଡା, ଜିଲ୍ଲା ସଭାପତି ଶିକ୍ଷାବିତ୍ ନରୋତ୍ତମ ଜେନା, ବଳଦେବ ସେନା ରାଜ୍ୟ ସମ୍ପାଦକ ଅଲେଖ ନାୟକ, ନାରାୟଣ ମଲ୍ଲିକ, ବିବେକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର
ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଡିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ରର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ
ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡ୍ଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଏସଆଇସି ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।
ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଳାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।
ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ଭେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଅଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ



## ପାରାଦୀପ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବନ୍ଧୁ ମିଳନ

ପାରାଦୀପ,(ପି.ଏନ): ପାରାଦୀପ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବୁଧବାର ଦିନ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ଗଲ୍ଫ କୋର୍ସ ପରିସରରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଟ୍ରଷ୍ଟର ଅଧ୍ୟକ୍ଷ ଅରୁଣ କୁମାର ଓଝା । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର ଉପାଧ୍ୟକ୍ଷ ହରିଶ ଚନ୍ଦ୍ର ଲେଙ୍କା । ଏହି ଅବସରରେ ଟ୍ରଷ୍ଟର ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁଙ୍କୁ ସ୍ୱାଗତ କରାଯିବା ସହିତ ଉପଦେଷ୍ଟା ଗଗନ ବିହାରୀ ସାହୁ, ଚି ରଂଜନ ସ୍ୱାଇଁଙ୍କୁ ସ୍ୱାଗତ କରାଯାଇଥିଲା । ପାରାଦୀପର ସାମ୍ବାଦିକମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସହାୟତା କ୍ଷେତ୍ରରେ ଟ୍ରଷ୍ଟ କାର୍ଯ୍ୟ କରିବାକୁ ବଦ୍ଧ ପରିକର ବୋଲି ଅଧ୍ୟକ୍ଷ ଶ୍ରୀ ଓଝା କହିଥିଲେ । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମ୍ପାଦକ ପ୍ରଶା' କୁମାର ରାଉତ, ସହସମ୍ପାଦକ ଜଗନ୍ନାଥ ଶତପଥୀ, ସଙ୍ଗଠନ ସମ୍ପାଦକ ଜଗବନ୍ଧୁ ସ୍ୱାଇଁ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଦସ୍ୟ ଆଲୋକ ସ୍ୱାଇଁ, ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଆଇନଜୀବୀ ସଂଜୟ କୁମାର ମିଶ୍ର, ସଂଜୀବ ମିଶ୍ର, ପ୍ରଭାତ ମହାପାତ୍ର, ଜିତେନ୍ଦ୍ର ସାହୁ, ମନୋଜ ସାହୁ, ସୁଶାନ୍ତ ସାମଲ, ସରୋଜ ଓଝା, ଦୀପକ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ଲୁଲୁ ମହାପାତ୍ରଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକ ପାଳନ

ପାରାଦୀପ,(ପି.ଏନ): ବରିଷ୍ଠ କଂଗ୍ରେସ ନେତା ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କ ଅଷ୍ଟମ ଶ୍ରାଦ୍ଧ ଉତ୍ସବ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ମୃତିସଭାରେ ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଂଜନ ନାୟକ, ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ଚନ୍ଦ୍ରଶେଖର ମହାପାତ୍ର, ସରୋଜ ପ୍ରଧାନ, ଜଗନ୍ନାଥ ଶତପଥୀ, କୃପାସିନ୍ଧୁ ଦାସ, ବିନୋଦ ପ୍ରଧାନ, ରତିକା' ନାୟକ, ଚିନ୍ମୟ ନାଥ, ଗଦାଧର ମହାଁ ପ୍ରମୁଖ ଯୋଗ ଶ୍ରଦ୍ଧାଂଜଳି ଜଣାଇବା ସହିତ ଦେଇ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପାରାଦୀପର ବିଭିନ୍ନ ଜରାଶ୍ରମରେ ଅ'ବାସୀମାନଙ୍କୁ ଅନ୍ନଦାନ କରାଯାଇଥିଲା ।

## ସ୍ଥାନୀୟ ବିଦ୍ୟାଳୟରେ ଜିନ୍ଦଲର 'ଦାନ ଉତ୍ସବ'



କଳିଙ୍ଗନଗର ,(ପି.ଏନ): ଦିୱାଲୀ ଏବଂ ଦାନର ଋତୁରେ ଜିନ୍ଦଲ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟ ସ୍ଥାନୀୟ ସମ୍ପ୍ରଦାୟର ୨୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ଜୀବନକୁ ଉଜ୍ଜ୍ୱଳ କରି 'ଦାନ ଉତ୍ସବ' ପାଳନ କରିଥିଲା । ଅକ୍ଟୋବର ୨୯ ରେ କର୍ମଚାରୀମାନେ କୁମ୍ଭିରଗଡିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉପହାର ଓ ଷ୍ଟେସନାରୀ କିଟ୍ ବଣ୍ଟନ କରିଥିଲେ ଓ ପରଦିନ, ବୃନ୍ଦରାଜା ଉଚ୍ଚ ବିଦ୍ୟାଳୟ, ଦାନଗଦି ରେ କର୍ମଚାରୀମାନେ କିଶୋରୀ ମାନଙ୍କୁ ୧୫୦ ଟି କିଟ୍ ବଣ୍ଟନ କରି ନିଜର କାର୍ଯ୍ୟ ଜାରି ରଖିଥିଲେ, ଯେଉଁଥିରେ କି ସାନିଟାରୀ ନାପକିନ୍ ଏବଂ ଦୈନିନ୍ଦିନ ବ୍ୟବହାର କରୁଥିବା ସ୍ୱଚ୍ଛତା ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା । ବିଶେଷ କରି କିଟ ରେ ଥିବା ସାନିଟାରୀ ନାପକିନ 'ସହଜ' ଦ୍ୱାରା ଉତ୍ପାଦିତ ହୋଇଛି, ଯାହାକି ଏକ ସ୍ଥାନୀୟ ଉତ୍ପାଦନ ୟୁନିଟ୍, ସମ୍ପୂର୍ଣ୍ଣ ଭାବରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ ଦ୍ୱାରା ସମର୍ଥିତ, ସମାଜରେ ମହିଳାମାନଙ୍କୁ ସଶକ୍ତିକରଣ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଦର୍ଶାଉଛି । ମାସିକ ଋତୁସ୍ରାବର ସ୍ୱଚ୍ଛତା, ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଶିକ୍ଷା ଯୋଗାଇବା ଏବଂ ଛୋଟ ଝିଅମାନଙ୍କ ପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିବା ଉପରେ ଏକ ପାରସ୍ପରିକ ସଚେତନତା ଅଧିବେଶନ ଦ୍ୱାରା ଏହି ପଦକ୍ଷେପକୁ ପୂର୍ଣ୍ଣ କରାଯାଇଥିଲା ।

ଜିନ୍ଦଲ ଷ୍ଟେନଲେସ 'କର୍ପୋରେଟ ସାମାଜିକ ଦାୟିତ୍ୱବୋଧ' (ସିଏସଆର) ପ୍ରୟାସ ବର୍ଷ ବର୍ଷ ଧରି ସ୍ଥାନୀୟ ବିଦ୍ୟାଳୟଗୁଡ଼ିକୁ ଯଥେଷ୍ଟ ଲାଭ ଦେଇଛି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କମ୍ପାନୀ କିଛି ବିଦ୍ୟାଳୟରେ ଜଳ ୱାଟର ଫିଲ୍ଟରିଂ ସିଷ୍ଟମ ସ୍ଥାପନ କରିଛି, ଶିକ୍ଷକ ମାନଙ୍କୁ ନିଯୁକ୍ତ କରିଛି ଏବଂ ବିଦ୍ୟାଳୟଗୁଡ଼ିକୁ କମ୍ପ୍ୟୁଟର ଲ୍ୟାବ ପାଇଁ କମ୍ପ୍ୟୁଟର ସହିତ ସୁସଜ୍ଜିତ କରିଛି । ଏହା ସହିତ, ଫାଉଣ୍ଡେସନର ସହଜ ୟୁନିଟ୍ ସ୍ଥାନୀୟ ବିଦ୍ୟାଳୟଗୁଡିକରେ ନିୟମିତ ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଅଧିବେଶନ ସହିତ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ନିୟମିତ ଅଭିଯାନ କରିଥାଏ । କମ୍ପାନୀର ଏହି ପ୍ରଭାବଶାଳୀ ଉଦ୍ୟମକୁ ଶିକ୍ଷକ ଏବଂ ଅଭିଭାବକମାନେ ଦୃଢ ପ୍ରଶଂସା କରିଥିଲେ । ଦାନ ଉପରେ ଧ୍ୟାନ ଦେଇ ଦିୱାଲୀ ପାଳନ କରି ଜିନ୍ଦଲ ଷ୍ଟେନଲେସ ସ୍ଥାନୀୟ ସମ୍ପ୍ରଦାୟରେ ଶିକ୍ଷାଗତ ତଥା ସ୍ୱାସ୍ଥ୍ୟ ମାନର ପ୍ରତିପୋଷଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୃଢ କରୁଥିବାବେଳେ କର୍ମଚାରୀମାନଙ୍କୁ ସମାଜ ସେବା ମାଧ୍ୟମରେ ଏକ ପରିବର୍ତ୍ତନ ଆଣିବାକୁ ପ୍ରେରଣା ଯୋଗାଇଥାଏ

## ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୫ତମ ଉର୍ସ ପାଳନ ନିମନ୍ତେ ପ୍ରଶାସନ ତରଫରୁ ଶାନ୍ତି କମିଟି ବୈଠକ







ଧାମନଗର,(ପି.ଏନ): ଧାମନଗର ସ୍ଥିତ ଭାରତ ପ୍ରସିଦ୍ଧ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୫ତମ ବାର୍ଷିକ ଉତ୍ସବ ଚଳିତ ନଭେମ୍ବର ୮ଏବଂ ୯ ତାରିଖ ଦୁଇ ଦିନ ଧରି ଶାନ୍ତି ଶୃଙ୍ଖଳାରେ କିପରି ପାଳନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଶାନ୍ତି କମିଟି ଆବାହକ ତଥା ତହସିଲଦାର ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଅତିରିକ୍ତ ଏସ୍ ପି ବାସୁଦେବ ସ୍ୱାଇଁ,ଅତିରିକ୍ତ ତହସିଲଦାର ସାଇସିଲୋନା,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ସାଂସଦ ପ୍ରତିନିଧି ସରୋଜ କୁମାର ମହାପାତ୍ର,ଏସଡିପିଓ ତ୍ରିଲୋଚନ ସେଠୀ,ଆଇଆଇସି ଫଣିନ୍ଦ୍ର ଭୂଷଣ ନାୟକ,ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ,ବିଦ୍ୟୁତ ବିଭାଗର (ଏସଡିଓ) ଶିବପ୍ରସାଦ ଦାସ,ସୁଶାନ୍ତ କୁମାର ରାଉତରାୟ,କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦୀ,ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ପାଣି,ଏବିଇଓ ସତ୍ୟ ସୁନ୍ଦର ପଡିଡା,ଅଗ୍ନିଶମ ଅଧିକାରୀ ସୁରଜିତ କୁମାର ରାଉତ,ପି.ଏଚ୍. ଡି ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାରିକପୁର-ଧାମନଗର,ପଳିକିରୀ ଛକରୁ ଭାୟା କେନାଲ ଠାରୁ ଦକ୍ଷିଣ ବାଡ ଛକ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର ମରାମତି କରି ଯାତାୟାତ ପାଇଁ ସୁବ୍ୟବସ୍ଥା କରାଯାଇଛି । ଆଇନ ଶୃଙ୍ଖଳା ନିମନ୍ତେ ପୋଲିସ ପକ୍ଷରୁ ଅଧିକ ଅଫିସର ଏବଂ ୧୯ ପ୍ଲାଟୁନ ଫୋର୍ସ,ସମସ୍ତ ଛକରେ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଏସଡିପିଓ ଶ୍ରୀ ସେଠୀ ସୂଚନା ଦେଇଥିଲେ। ବୈଠକରେ ବିଦ୍ୟୁତ,ସ୍ୱାସ୍ଥ୍ୟ ସେବା,ପାନୀୟଜଳ ଯୋଗାଣ,ପରିମଳ ବ୍ୟବସ୍ଥା,ଟ୍ରାଫିକ ସମସ୍ୟା ସହରାଞ୍ଚଳରେ ଆଲୋକୀକରଣ,ରାସ୍ତା ଘାଟ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ୯ତାରିଖ ରବିବାର ଅପରାହ୍ନ ୪ଟାରୁ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ସମୂହ ପ୍ରାର୍ଥନା [illegible] ସମସ୍ତ ଫାଟକ ବନ୍ଦ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଶାନ୍ତି କମିଟିର ସଦସ୍ୟ ବାସୁଦେବ ତ୍ରିପାଠୀ,ମହେଶ୍ୱର ସ୍ୱାଇଁ,ଲମ୍ବୋଦର ଜେନା,ବୀରେନ୍ଦ୍ର କୁମାର ଜେନା,କୃଷ୍ଣ ଚନ୍ଦ୍ର

## ୮ ନମ୍ବର ୱାର୍ଡରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉ ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୮ ନମ୍ବର ୱାର୍ଡରେ ବିଜୁ ଜନତା ଦଳ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉ ର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସାଇ ମନ୍ଦିର ଠାରୁ ପଦଯାତ୍ରା ଶୁଭାରମ୍ଭ ହୋଇ ସମସ୍ତ କଲୋନୀ ପରିକ୍ରମା କରି ଡମଣା ହାଟ ବସ୍ତିରେ ପହ ି ଥିଲା। ସେଠାରେ ଯୁବନେତା ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ସୁଶାନ୍ତ୍ କୁମାର ରାଉତ କହିଥିଲେ ବିଜେଡି ସରକାର ବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଶିଖରରେ ପହ ି ଥିଲା। ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ୧ ନମ୍ବରରେ ରହୁଥିଲା। କିନ୍ତୁ ବ ିମାନର ସରକାର ସମସ୍ତ କ୍ଷେତ୍ରରେ ବିଫଳ ହେଉଛି। ଆମ ସରକାର କରିଥିବା ଯୋଜନା ଗୁଡିକ ନା ବଦଳାଇ ବାହା ବାହା ନେବାକୁ ଚେଷ୍ଟା କରୁଛି। ନିର୍ବାଚନରେ ଦେଇଥିବା ପ୍ରତିଶୃତି ପାଳନ ନ କରି ମିଛରେ ଜନସାଧାରଣଙ୍କୁ ଭୂଆଁ ବୁଲଉଛି। ତେଣୁ ଏ ସରକାରର ବିଫଳତା ଓ ନବୀନ ବାବୁଙ୍କ ସଫଳତା ବା । ଘରେ ଘରେ ପହ ାଇବା ପାଇଁ ସମସ୍ତ ଛାମୁଆ ନେତା ଓ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ବରିଷ୍ଠ ନେତା ସୁବାସ ପାତ୍ର, ଡେପୁଟି ମେୟର ମୁଲତା କହଁର, କର୍ପୋରେଟର ମୋନାଲିସା ସାହୁ, ଲାଲ ମୋହନ ଟୁଡୁ, ପୂର୍ବତନ କର୍ପୋରେଟର ସୟ ସେଠୀ ପ୍ରମୁଖ ଯୋଗଦେଇ ମିଥ୍ୟା ପ୍ରତିଶୃତି ଦେଇ ଶାସନ ଗାଦିରେ ବସିଥିବା ବିଜେପି ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ବିଷୟରେ ଲୋକମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଉ ରର ସମସ୍ତ କର୍ପୋରେଟର, ଛାମୁଆ ନେତା, ଯୁବନେତା, ନାରୀନେତ୍ରୀ ଓ କର୍ମୀମାନେ ଉପସ୍ଥିତ ଥିଲେ। ୱାର୍ଡ ସଭାପତି ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭବାନୀପାଟଣାରୁ ବିଶାଖାପାଟଣା ମଧ୍ୟରେ ଜଗନ୍ନାଥ ଏକ୍ସପ୍ରେସ ଅତ୍ୟାଧୁନିକ ଭାଲବୋ ବସ୍ ଚଳାଚଳ ଶୁଭାରମ୍ଭ କଲେ ଜିଲ୍ଲାପାଳ



କଳାହାଣ୍ଡି,(ପି.ଏନ): ବୁଧବାର ଅପରାହ୍ଣ ୫ଟା ବେଳେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ କରକମଳରେ ଭବାନୀପାଟଣାରୁ ବିଶାଖାପାଟଣା ମଧ୍ୟରେ ଅତ୍ୟାଧୁନିକ ଜଗନ୍ନାଥ ଏକ୍ସପ୍ରେସ ଭଲବୋ ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ବାସ ରେ ଶୀତତାପ ନିୟନ୍ତ୍ରିତ ଓ ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ଆରାମଦାୟକ ବ୍ୟବସ୍ଥା ରହିଛି।ଏହି ବସ୍ ଭବାନୀପାଟଣାରୁ ଅପରାହ୍ନ ସାଢ଼େ ୫ଟାରେ ଯାତ୍ରା ଆରମ୍ଭ କରି ବିଶାଖାପାଟଣାରେ ଭୋର୍ ୫ଟା ବେଳେ ପହଞ୍ଚିବ ଏବଂ ବିଶାଖାପାଟଣାରୁ ସଂଧ୍ୟା ୭ଟା ବେଳେ ବାହାରି ଭବାନୀପାଟଣା ଠାରେ ସକାଳ ୬ଟା ରେ ପହଞ୍ଚିବ। ଏହା ଦ୍ୱାରା ସାଧାରଣ ଜନତା ଏବଂ ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶାଖାପାଟଣା ଉପରେ ନିର୍ଭର କରୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୟ ଉପକୃତ ହେବେ ବୋଲି ଓ ଏସ ଆର୍ ଟି ସି ତରଫରୁ ପରିଚାଳକ ସ୍ୱଦେଶ କୁମାର ପାତ୍ର ସୂଚନା ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ ସାଂସଦ ପ୍ରତିନିଧି ଜୟ ଶଙ୍କର ନାଏକ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ , ସହକାରୀ ଜିଲ୍ଲାପାଳ ଶରତ ଚନ୍ଦ୍ର ସାହୁ, (ଏଷ୍ଟାବ୍ଲିସମେଣ୍ଟ) ସହକାରୀ ଜିଲ୍ଲାପାଳ ମମତା ଦାଶ (ଜୁଡିସିଆଲ) ଏବଂ ସହକାରୀ ଜିଲ୍ଲାପାଳ ସୌଦାମିନୀ ମାଝୀ (ଏମାରଜେନସି) ପ୍ରମୁଖ ଉପସ୍ଥିତ ରହିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray